## ୩୦,୫୦୦ଟଙ୍କା ଜରିମାନା ଆଦାୟ

ବାଲିପାଟଣା,(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବାଲିପାଟଣା ବ୍ଲକ ଅଞ୍ଚଳରେକୋଭିଡ୍ ଗାଇଡ୍‌ଲାଇନ ମାନୁନାହାନ୍ତି। ରବିବାର ବାଲିପାଟଣା ତହସିଲ ଓ ପୋଲିସ ପ୍ରଶାସନ ପକ୍ଷରୁ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯିବା ସହ ମାସ୍କ ପରିଧାନ କରିନଥିବା ଓ ସାମାଜିକ ଦୂରତ୍ୱ ବଜାୟ ରଖି ନ ଥିବା ଅମାନିଆଙ୍କଠାରୁ ମୋଟ୍ ୩୦ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଯାଞ୍ଚ ବେଳେ ତହସିଲଦାର ସୁନିତା ଜେନା, ଅତିରିକ୍ତ ତହସିଲଦାର ସ୍ନେହଲତା ଆଚାର୍ଯ୍ୟ, ଥାନା ଅଧିକାରୀ ରାଧାକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ସଂକ୍ଷେପରେ

## ଓଜେଏସ୍ ଲିଖିତ ପରୀକ୍ଷା ଘୁଞ୍ଚାଇବାକୁ ଦାବି

**କଟକ ଅଫିସ,୧୧।୧୦:** ଓପିଏସ୍‌ସି ପକ୍ଷରୁ ଆଗାମୀ ନଭେମ୍ବର ୩ରୁ ୬ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ନ୍ୟାୟିକ ସେବା (ଓଜେଏସ୍)ର ଲିଖିତ ପରୀକ୍ଷା ଅନୁଷ୍ଠିତ ହେବ। ତେବେ ରାଜ୍ୟରେ କରୋନା ସଂକ୍ରମଣ ସମ୍ପୂର୍ଣ୍ଣ ରୂପେ ଆୟତ୍ତକୁ ଆସି ନ ଥିବାବେଳେ ଲିଖିତ ପରୀକ୍ଷା ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଓଡ଼ିଶା ଯୁବ ସ୍ୱାଭିମାନ ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ବର୍ତ୍ତମାନ କରୋନା ସ୍ଥିତିରେ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ସମ୍ପୂର୍ଣ୍ଣ ବିଶୋଧନ ପାଇଁ ନିୟମ ରହିଛି। ହେଲେ ସ୍ୱଳ୍ପ ସମୟ ମଧ୍ୟରେ କିପରି ବିଶୋଧନ କରାଯିବ ତାହା ପ୍ରଶ୍ନବାଚୀ ହୋଇଛି। ସେହିପରି ଅନେକ ପରୀକ୍ଷାର୍ଥୀ କରୋନା ସଂକ୍ରମଣ ହୋଇ ଆଇସୋଲେଶନରେ ରହିଛନ୍ତି। ସେମାନେ ସୁସ୍ଥ ନ ହେବା ପର୍ଯ୍ୟନ୍ତ ପରୀକ୍ଷାକେନ୍ଦ୍ରକୁ ଆସିପାରିବେ ନାହିଁ। ନଭେମ୍ବର ୩ରେ ବାଲେଶ୍ୱର ଏବଂ ତିର୍ତ୍ତୋଲ ଉପନିର୍ବାଚନ ହେବ। ଏଥିଯୋଗୁ ସମ୍ପୃକ୍ତ ଅଞ୍ଚଳର ପରୀକ୍ଷାର୍ଥୀ ଭୋଟ ଦେବାର ମୌଳିକ ଅଧିକାରରୁ ବଞ୍ଚିତ ହେବେ। ଏ ସବୁକୁ ଦୃଷ୍ଟିରେ ରଖି ପରୀକ୍ଷା ଘୁଞ୍ଚାଇବାକୁ ମଞ୍ଚ ପକ୍ଷରୁ ଦାବି କରାଯାଇଛି। ଓପିଏସ୍‌ସି କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ମଞ୍ଚର ସଭାପତି ସାରଦା ଷଡ଼ଙ୍ଗୀ ଏବଂ ଆବାହକ ଦେବାଶିଷ ଘୋଷ ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

## କରୋନା ଆକ୍ରାନ୍ତ ସଂସ୍କୃତିପ୍ରେମୀଙ୍କ ପରଲୋକ

**ପୁରୀ ଅଫିସ,୧୧।୧୦:** ସଂସ୍କୃତିପ୍ରେମୀ ତଥା ବିଶିଷ୍ଟ ଯୁବ ସଙ୍ଗଠକ ନବକିଶୋର ପ୍ରଧାନ(୪୮) କରୋନା ଆକ୍ରାନ୍ତ ଥିବାବେଳେ ଶନିବାର ରାତିରେ ତାଙ୍କର ପରଲୋକ ହୋଇଛି। ସେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ରବିବାର ଗିରଳ ନିକଟ ସ୍ୱତନ୍ତ୍ର କୋଭିଡ୍ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଭଣଜା ବିଘ୍ନେଶ ସ୍ୱାଇଁ ମୁଖାଗ୍ନି ଦେଇଥିଲେ। ପୁରୀ ଉଇନିଂ ସ୍ପୋର୍ଟିଂ କ୍ଲବ ସମ୍ପାଦକ ସହ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ରର ସଙ୍ଗଠନ ସମ୍ପାଦକ ଥିଲେ ନବ। ତାଙ୍କ ତତ୍ତ୍ୱାବଧାନରେ ପୁରୀରେ ପ୍ରତିବର୍ଷ ଚଳଚ୍ଚିତ୍ର ସମ୍ମାନ ମହୋତ୍ସବ, ଟ୍ୟାଲେଣ୍ଟ ଶୋ, ଶୋ ଟାଇମ୍ ଓ ଗ୍ଲୋରିଫେଷ୍ଟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଥିଲା। ଜଣେ ସାମାଜିକ କର୍ମୀ ଭାବେ ବିଭିନ୍ନ ସମୟରେ ଗରିବ ଲୋକଙ୍କୁ ସହାୟତା ଦେଇ ପୁରୀ ସହରବାସୀଙ୍କ ମଧ୍ୟରେ ନବ ପ୍ରିୟପାତ୍ର ହୋଇପାରିଥିଲେ।

## ତବଲା ବାଦକ ଯୁଧିଷ୍ଠିର ଦାସଙ୍କ ପରଲୋକ

**କଟକ ଅଫିସ,୧୧।୧୦:** ତବଲା ବାଦକ ଯୁଧିଷ୍ଠିର ଦାସ(୬୭)ଙ୍କର ରବିବାର ଏସ୍‌ସିବି ମେଡିକାଲରେ ପରଲୋକ ଘଟିଛି। ଓଡ଼ିଆ ସଙ୍ଗୀତ ଜଗତରେ ସେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିପାରିଥିଲେ। ୧୦ହଜାରରୁ ଅଧିକ ଗୀତ ସମେତ ପ୍ରାୟ ୪ଶହ ଓଡ଼ିଆ ସିନେମାରେ ତବଲା ବାଦନ କରିଥିଲେ। ତାଙ୍କ ବିୟୋଗରେ ସଙ୍ଗୀତ ନିର୍ଦ୍ଦେଶକ ମହମ୍ମଦ ମୁସୀର, ପ୍ରେମ ଆନନ୍ଦ, ଅଭିଜିତ ମଜୁମ୍‌ଦାର, ଗୁଡ୍‌ଲି ରଥ, ଶରତ ନାୟକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ଖାନ୍‌ନଗର ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଜ୍ୟେଷ୍ଠପୁତ୍ର ସୁଶିଲ ଦାସ ମୁଖାଗ୍ନି ଦେଇଥିଲେ।

# ୧୦ବର୍ଷ ହେଲା ଶଯ୍ୟାଶାୟୀ ତରୁଣ

■ବିଗୁଡ଼ୁଛି ସ୍ୱାସ୍ଥ୍ୟାବସ୍ଥା, ଚିକିତ୍ସାରେ ଅର୍ଥ ବାଧକ

■ସହାୟତା ପାଇଁ ସୋସିଆଲ ମିଡିଆରେ ମା'ଙ୍କ ଗୁହାରି

**ପିପିଲି,୧୧।୧୦(ସ୍ୱ.ପ୍ର.)**

ଗଛରୁ ପଡ଼ି ମେରୁଦଣ୍ଡ ଆଘାତ ଲାଗିଥିବାରୁ ୧୦ବର୍ଷ ହେଲା ଶଯ୍ୟାଶାୟୀ ହୋଇଛନ୍ତି ୩୦ ବର୍ଷୀୟ ତରୁଣ ଡଗର। ନିଜେ ଉଠିବସି ପାରୁନାହାନ୍ତି କି ନିତ୍ୟକାର୍ଯ୍ୟ କରିପାରୁନାହାନ୍ତି। ଦୀର୍ଘବର୍ଷ ଶଯ୍ୟାରେ ପଡ଼ି ରହିବାରୁ ଦେହରେ ଘାଆ ହେବାକୁ ଲାଗିଲାଣି। ସ୍ୱାସ୍ଥ୍ୟବସ୍ଥା ବିଗୁଡ଼ୁଥିଲେ ବି ଚିକିତ୍ସା ପାଇଁ ସମ୍ବଳ ନାହିଁ। ତାଙ୍କ ଉପରେ ପରିବାର ଦାୟିତ୍ୱ ଥିବାବେଳେ ସେ ଅନ୍ୟର ସହାୟତାକୁ ଆଶ୍ରା କରୁଛନ୍ତି। ଏବେ ବାପା ପରିଣତ ବୟସରେ ତାଙ୍କ ସାହା ଭରସା ପାଲଟିଛନ୍ତି। ସହାୟତା ପାଇଁ ସୋସିଆଲ ମିଡିଆରେ କୋହଭରା କଣ୍ଠରେ ଗୁହାରି ଜଣାଇଛନ୍ତି ମା'। ଏଭଳି ଦୁଃଖଦ ଚିତ୍ର ପିପିଲି ବ୍ଲକ ଦୁର୍ଗାଦାସପୁର ପଞ୍ଚାୟତ ଠଣଠଣା ଗ୍ରାମରେ ଦେଖିବାକୁ ମିଳିଛି।

ଠଣଠଣା ଗ୍ରାମର ଶରତ ଡଗରାଙ୍କ ପୁଅ ତରୁଣ ୨୦୧୦ ଜାନୁୟାରୀ ୪ରେ ନଡ଼ିଆ ଗଛରୁ ଖସି



ମା'ଙ୍କ ନିକଟରେ ବିଛଣାରେ ପଡ଼ି ରହିଥିବା ତରୁଣ।

ପଡ଼ିବାରୁ ମେରୁଦଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ପୁଅର ଚିକିତ୍ସା ପାଇଁ ବାପା ସବୁ ବିକି ୬୦ହଜାର ଟଙ୍କା ଖର୍ଚ୍ଚ କରିବା ସତ୍ତ୍ୱେ ଅବସ୍ଥା ଭଲ ହୋଇ ନ ଥିଲା। ଅପରେଶନ ପାଇଁ ୧ଲକ୍ଷ ୬୦ହଜାର ଦରକାର ବୋଲି ଡାକ୍ତରଙ୍କଠାରୁ ଶୁଣି ଭାଙ୍ଗି ପଡ଼ିଥିଲେ ପରିବାର ବର୍ଗ। ଅର୍ଥ ଅଭାବରୁ ଅଧା ଚିକିତ୍ସାରୁ ଘରକୁ ଫେରି ଆସିଥିଲେ। ସେହିଦିନଠାରୁ ଏପର୍ଯ୍ୟନ୍ତ ୧୦ବର୍ଷ ହେଲା ତରୁଣ ଶଯ୍ୟାଶାୟୀ ଅଛନ୍ତି। ସରକାରୀ ସହାୟତା ଭାବେ ପିପିଲି ତହସିଲ ପକ୍ଷରୁ ତାଙ୍କୁ ୨୦ହଜାର ଟଙ୍କା ମିଳିଥିବାବେଳେ ଏବେ ମାସିକ ଭତ୍ତା ପାଉଥିବା ପରିବାର ଲୋକେ କହିଛନ୍ତି। ପୁଅର ଅବସ୍ଥା ବିଗିଡ଼ିବାରେ ଲାଗିଛି। ଚିକିତ୍ସା ପାଇଁ ଅର୍ଥ ବାଧକ ଥିବାରୁ ତରୁଣ ଓ ତାଙ୍କ ମା ସୋସିଆଲ ମିଡିଆରେ ଦୁଃଖ ଜଣାଇଥିଲେ। ଏହାପରେ ମାରୁତି ସେନା ସଙ୍ଗଠନ ତରୁଣଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଛନ୍ତି। ରବିବାର ଏହି ସଙ୍ଗଠନର ରାଜ୍ୟ ସଭାପତି ପପୁ ଦଳବେହେରାଙ୍କ ଆହ୍ୱାନକ୍ରମେ ପିପିଲି-ଡେଲାଙ୍ଗ ସଭାପତି ଶ୍ରୀଧର ଆଚାର୍ଯ୍ୟ, ଜିଲା ସମ୍ପାଦକ ଅନିଲ ସ୍ୱାଇଁ, ସଂଯୋଜିକା ଇତିଶ୍ରୀ ସରିତା ମହାନ୍ତି, ସଭ୍ୟା ପୁଷ୍ପାଞ୍ଜଳି ସାହୁ, ସଭ୍ୟ ଜୟକୃଷ୍ଣ ପରିଡ଼ା, ରଶ୍ମିରଞ୍ଜନ ଦାସ, କାର୍ତ୍ତିରଞ୍ଜନ ପ୍ରମୁଖ ତରୁଣଙ୍କ ଘରେ ପହଞ୍ଚି ଆର୍ଥିକ ସହାୟତା ଦେବା ସହ ଚିକିତ୍ସା କ୍ଷେତ୍ରରେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ତରୁଣଙ୍କୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି କରାଯିବ ବୋଲି ସଙ୍ଗଠନ ତରଫରୁ କୁହାଯାଇଛି।

# ମହିଳାଙ୍କୁ ପୋଲିସର ଦୁର୍ବ୍ୟବହାର ନେଇ ରାସ୍ତାରୋକୋ



ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତାରୋକୋ କରୁଛନ୍ତି।

### ମାସ୍କ ଚେକିଂ ବେଳେ ଦମ୍ପତି ଓ ପୋଲିସ ଠେଲାପେଲା

**କଣ୍ଟାପଡ଼ା,୧୧।୧୦(ଡି.ଏନ୍.ଏ.)**

ଓଲଟପୁର ଥାନା ଅଧୀନ ଅଡ଼ଶପୁର ତ୍ରିଛକି ନିକଟରେ ରବିବାର ମାସ୍କ ଚେକିଂକୁ ନେଇ ଦମ୍ପତି ଓ ପୋଲିସଙ୍କ ମଧ୍ୟରେ ପ୍ରଥମେ ଯୁକ୍ତିତର୍କ ଓ ଠେଲାପେଲା ହୋଇଥିଲା। ଏଥିରେ ଗୋବିନ୍ଦପୁର ଥାନା ଅଧୀନ କାଳିଆଗଡ଼ ଗ୍ରାମର ମାନସ ସେଠୀଙ୍କ ସ୍ତ୍ରୀ କୁନିଲତା ଆହତ ହୋଇଛନ୍ତି। କୁନିଲତାଙ୍କୁ ପୋଲିସ ଦୁର୍ବ୍ୟବହାର କରିଥିବା ନେଇ ଉତ୍ତ୍ୟକ୍ତ ଲୋକେ ତ୍ରିଛକିରେ ରାସ୍ତାରୋକୋ କରିଥିଲେ। ସୂଚନା ଅନୁଯାୟୀ, କାଳିଆଗଡ଼ ଗ୍ରାମର ମାନସ ଓ ତାଙ୍କ ସ୍ତ୍ରୀ ୧୧ବର୍ଷର ପୁଅକୁ ନେଇ ଅଡ଼ଶପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିଲେ। ମାନସ ମୁହଁରେ ରୁମାଲ ବାନ୍ଧିଥିବା ବେଳେ ପୁଅ ମାସ୍କ ପିନ୍ଧିଥିଲେ। ସ୍ତ୍ରୀ କୁନିଲତା ମୁହଁରେ ନିଜର ଲୁଗାକାନି ଘୋଡାଇଥିଲେ। ତ୍ରିଛକି ନିକଟରେ ପୋଲିସ ମାସ୍କ ଚେକିଂ ବେଳେ ଉକ୍ତ ଦମ୍ପତିଙ୍କ ସହ ଯୁକ୍ତିତର୍କ ହୋଇଥିଲା। ପରେ ପୋଲିସ ମାନସଙ୍କୁ ଜିପରେ ବସାଇବାକୁ ନେଉଥିବା ବେଳେ କୁନିଲତା ଏହାକୁ ବିରୋଧ କରିଥିଲେ। ଫଳରେ ଠେଲାପେଲା ଯୋଗୁ କୁନିଲତା ତଳେ ପଡି ଆହତ ହୋଇଥିଲେ। କୁନିଲତାଙ୍କୁ ଦୁର୍ବ୍ୟବହାର ନେଇ ଉତ୍ତ୍ୟକ୍ତ ଲୋକେ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଗାଡି ଅଟକି ରହିଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ରାସ୍ତାରୋରୋ ଜାରି ରହିଛି। ଏ ନେଇ ଥାନା ଅଧିକାରୀ ଚିନ୍ମୟୀ ସାହୁଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାଙ୍କ ମତ ମିଳିପାରି ନ ଥିଲା।



ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳନ ଅବସରରେ ରବିବାର ଭୁବନେଶ୍ୱର ଭିଏସ୍‌ଏସ୍‌ନଗରଠାରେ ସେଣ୍ଟର ଫର୍ ଭଲ୍ୟୁଣ୍ଟାରୀ ସର୍ଭିସ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି।

## କୋଭିଡ୍ ନିୟମ ଉଲ୍ଲଂଘନ ନେଇ ଏମ୍‌ପିଙ୍କ ନାଁରେ ଏତଲା

**ଖୋର୍ଦ୍ଧା ଅଫିସ,୧୧।୧୦**

କୋଭିଡ୍ ଗାଇଡ୍‌ଲାଇନ ଉଲ୍ଲଂଘନ ନେଇ ଭୁବନେଶ୍ୱରଏମ୍‌ପିଅପରାଜିତା ଷଡ଼ଙ୍ଗୀଙ୍କ ବିରୋଧରେ ଖୋର୍ଦ୍ଧା ଆଦର୍ଶ ଥାନାରେ ରବିବାର ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳ ପକ୍ଷରୁ ଅଭିଯୋଗ ହୋଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ଏମ୍‌ପି ଷଡ଼ଙ୍ଗୀ ବାରମ୍ବାର କୋଭିଡ୍ ନିୟମକୁ ଉଲ୍ଲଂଘନ କରୁଛନ୍ତି। ସାମୁହିକ ଭାବେ ଏମ୍‌ପି ନିଜର ଜନ୍ମ ଦିନ ପାଳନ କରିଥିଲେ। ଅଧିକାଂଶଙ୍କ ମୁହଁରେ ମାସ୍କ ନ ଥିବାବେଳେ ସାମାଜିକ ଦୂରତ୍ୱ ନ ଥିଲା। କୋଭିଡ୍ ନିୟମ ଉଲ୍ଲଂଘନ ନେଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦଳ ପକ୍ଷରୁ ଦାବି କରାଯାଇଛି। ଅଭିଯୋଗପତ୍ର ପ୍ରଦାନ ବେଳେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ ଡେଙ୍ଗ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ରୁଦ୍ରନାଥ ଦତ, ଓଡିଶା ମୋ ପରିବାରର ଜିଲା ସଂଯୋଜକ ଦିଲୀପ ହୋତା, ପୂର୍ବତନ କାଉନ୍‌ସିଲର ବିଭୁପ୍ରସାଦ ସାହୁ, ଜିଲା ଯୁବ ବିଜେଡି ସଂଯୋଜକ ଲଳିତ ମୋହନ ମହାପାତ୍ର, ରାଜ୍ୟ ବିସିଜେଡି ସାଧାରଣ ସମ୍ପାଦକ ନସିମ ଖାନ୍, ଗୌତମ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ତନ କର୍କଟ ସଚେତନତା ପାଇଁ ସାଇକେଲ ରାଲି



ହରିଣପାର୍କରୁ ବାହାରିଥିବା ସାଇକେଲ ରାଲି।

**କଟକ ଅଫିସ,୧୧।୧୦**

ଅକ୍ଟୋବର ମାସକୁ ସ୍ତନ କର୍କଟ ସଚେତନତା ମାସ ଭାବେ ପାଳନ କରାଯାଏ। ଏହି ପରିପ୍ରେକ୍ଷୀରେ ରୋଟାରୀ କ୍ଲବ ଅଫ୍ କଟକ ଗୋଲ୍ଡେନ ଷ୍ଟାର୍, ରୋଟାରି କ୍ଲବ ଅଫ୍ କଟକ ମହାନଦୀ ଏବଂ ଆୱେକେନ୍ ସାମାଜିକ ସଙ୍ଗଠନର ମିଳିତ ଆନୁକୂଲ୍ୟରେ ଏକ ସାଇକେଲ ରାଲି ରବିବାର ଆୟୋଜିତ ହୋଇଯାଇଛି। ୨୫ଜଣ ସଦସ୍ୟ ହରିଣ ପାର୍କ ପାଖରୁ ସାଇକେଲ ଯୋଗେ କିଲା ପଡ଼ିଆ ପର୍ଯ୍ୟନ୍ତ ଯାତ୍ରା କରିଥିଲେ। କାର୍ଯ୍ୟକ୍ରମ ଜରିଆରେ ପ୍ରଦୂଷଣ ମୁକ୍ତ ସମାଜ ତଥା ସ୍ତନ କର୍କଟ ପାଇଁ ସଚେତନତାର ବାର୍ତ୍ତା ଦିଆଯାଇଛି। ସ୍ତନ କର୍କଟ ପ୍ରତି ଲୋକଙ୍କ ମନରେ ଥିବା ଭୟ ଏବଂ ହେୟ ଜ୍ଞାନକୁ ଦୂର କରିବା ଏହି ରାଲିର ମୂଳ ଉଦ୍ଦେଶ୍ୟ ବୋଲି ସଙ୍ଗଠନର ସଦସ୍ୟମାନେ କହିଥିଲେ। କର୍କଟ ରୋଗ ବିଶେଷଜ୍ଞ ଡା. କ୍ଷୀତିଶ ଚନ୍ଦ୍ର ମିଶ୍ର ଏବଂ ରୋଟାରୀ କ୍ଲବର ଜିଲା ସଭାପତି (ଡିଜି) ଆଇନଜୀବୀ ସୌମ୍ୟ ରଞ୍ଜନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

# ଜବରଦଖଲ ଥିଲେ ରିପୋର୍ଟ କରିବେ ଜନତା

### ନୂଆ ଆପ୍ ଜାରି କଲା ବିଡିଏ

**ଭୁବନେଶ୍ୱର,୧୧।୧୦(ବ୍ୟୁରୋ)**

ଖୋର୍ଦ୍ଧା ଜିଲା ଓ ଭୁବନେଶ୍ୱରର କୌଣସି ସରକାରୀଜୁ ଜମିକୁ କେହି ଜବରଦଖଲ କରି ବେଆଇନ ନିର୍ମାଣ କରୁଥିଲେ ଲୋକେ ସିଧାସଳଖ ଉଚ୍ଛେଦ ଅଧିକାରୀଙ୍କୁ ଜଣାଇପାରିବେ। ଏଥିପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ରବିବାର ଭୁବନେଶ୍ୱର ଲ୍ୟାଣ୍ଡ ୟୁଜ୍ ଇଣ୍ଟିଲିଜେଣ୍ଟ ସିଷ୍ଟମ (ବ୍ଲୁଇସ୍) ନାମକ ଏକ ନୂଆ ଆପ୍ ଜାରି କରାଯାଇଛି। ଲୋକେ ଏହି ଆପ୍‌କୁ ଗୁଗଲ୍ ପ୍ଲେ ଷ୍ଟୋରରୁ କିମ୍ବା ଆପଲ୍ ଆଇ ଷ୍ଟୋରରୁ ଇନ୍‌ଷ୍ଟଲ କରି ଅଭିଯୋଗ କରିପାରିବେ। ସୂଚନା ମୁତାବକ, କୌଣସି ଜବରଦଖଲକୁ ଅଧିକାରୀଙ୍କୁ ରିପୋର୍ଟ କରିବାକୁ ହେଲେ ପ୍ରଥମେ ଆପ୍ ଇନ୍‌ଷ୍ଟଲ କରିବାକୁ ପଡ଼ିବ। ଆପ୍‌କୁ ଖୋଲିବା ପରେ ରିପୋର୍ଟ ଆକ୍ଟିଭିଟି ଚୟନ କରି ଜବରଦଖଲରେ ଥିବା ସ୍ଥାନର ଫଟୋ କିମ୍ବା ଭିଡିଓ ସେଠାରେ ଅପ୍‌ଲୋଡ କରିପାରିବେ। ଏହାପରେ ସେଭ୍ କରିବା ପରେ ସବୁଜ ରଙ୍ଗର ବଟନ୍ ଉପରେ କ୍ଲିକ୍ କରିବାକୁ ପଡିବ। ରିପୋର୍ଟ ସକ୍‌ସେସ୍‌ଫୁଲ୍ ବୋଲି ଏକ ମେସେଜ୍ ଆସିବ ଓ ତାହା ଆପ୍‌ର ମୁଖ୍ୟ ସ୍କ୍ରିନ୍‌ରେ ଦେଖାଯିବ। ନିଜ ରିପୋର୍ଟ ବିଷୟରେ ଜାଣିବା ପାଇଁ ଆଲର୍ଟ ବଟନ୍ ଅନ୍ କରିବାକୁ ବିଡିଏ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ଖୋର୍ଦ୍ଧାରେ ଗଡ଼ିଲା ସଚେତନତା ରଥ

### ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳିତ

**ଖୋର୍ଦ୍ଧା ଅଫିସ,୧୧।୧୦**

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ରବିବାର ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ରଥକୁ ଜିଲାପାଳ ସନତ୍ ମହାନ୍ତି ଓ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି। ଏହି ରଥ ଭୁବନେଶ୍ୱର ସମେତ ଜିଲାର ସମସ୍ତ ଅଞ୍ଚଳ ପରିକ୍ରମା କରି ସଚେତନ କରିବ। ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଭର୍ଚୁଆଲ କାର୍ଯ୍ୟକ୍ରମରେ ଜିଲାପାଳ ମହାନ୍ତି ଅଧ୍ୟକ୍ଷତା କରି ଶିଶୁ କନ୍ୟା ଯତ୍ନ, ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଏଥି ସହ ବିଭିନ୍ନ ଯୋଜନା ମାଧ୍ୟମରେ ନିର୍ଯ୍ୟାତନାର ଶିକାର ଶିଶୁକନ୍ୟାଙ୍କୁ ଉଦ୍ଧାର କରି ଉପଯୁକ୍ତ ଥଇଥାନ କରାଯାଉଛି ବୋଲି ଏସ୍‌ପି ସ୍ୱାଇଁ କହିଛନ୍ତି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ କହିଛନ୍ତି, ୨୦୧୧ ଜନଗଣନା ଅନୁଯାୟୀ ପ୍ରତି ୧ହଜାର ପୁରୁଷଙ୍କ ତୁଳନାରେ ୯୧୬ଜଣ ମହିଳା ଅଛନ୍ତି। କନ୍ୟାଭ୍ରୁଣ ହତ୍ୟା, ଅଧାରୁ ପାଠ ଛାଡୁଥିବା ବିଦ୍ୟାର୍ଥୀଙ୍କୁ ରୋକିବା, ବାଲ୍ୟବିବାହ ବନ୍ଦ ଲାଗି ସଚେତନ କରାଯାଉଛି। ଅସୁରକ୍ଷିତ ସ୍ଥାନରୁ ଶିଶୁଙ୍କୁ ଉଦ୍ଧାର କରାଯାଇ ଶିଶୁ ଯତ୍ନ ଅନୁଷ୍ଠାନରେ ରଖାଯାଉଛି। ଜିଲା ମିଶନ ଶକ୍ତି ସଂଯୋଜିକା ନିବେଦିତା ରାୟ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମାନସ ରଞ୍ଜନ ବିଶ୍ୱାଳ, ଅତିରିକ୍ତ ଜିଲା ସମାଜମଙ୍ଗଳ ଅଧିକାରୀ ବିଜୟ କୁମାର ମିଶ୍ର, ଅନୁପ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଖବରକାଗଜ ବିକ୍ରେତାଙ୍କ ମୃତ୍ୟୁ

**କଣ୍ଟାପଡ଼ା,୧୧।୧୦(ଡି.ଏନ୍.ଏ.)**

ସଡ଼କ ଦୁର୍ଘଟଣାରେ ଶନିବାର ରାତିରେ କଣ୍ଟାପଡ଼ା ଅଞ୍ଚଳର ଖବରକାଗଜ ବିକ୍ରେତା ହାଡିବନ୍ଧୁ ବିଶ୍ୱାଳ(୫୫)ଙ୍କ ମୃତ୍ୟୁ ଘଟିଛି। ହାଡ଼ିବନ୍ଧୁ ଅପରାହ୍ନ ପ୍ରାୟ ୩ଟାରେ ଘରକୁ ଫେରୁଥିବାବେଳେ ତାଙ୍କୁ ଏକ ବାଇକ୍ ଧକ୍କା ଦେଇଥିଲା। ପ୍ରଥମେ ଅଡ଼ଶପୁର ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

# ୬ଲକ୍ଷ ଠକେଇ, ମିଳୁଛି ହତ୍ୟା ଧମକ

**ଭୁବନେଶ୍ୱର,୧୧।୧୦ (ବ୍ୟୁରୋ)**

କ୍ଷୀର ବ୍ୟବସାୟ ଆଳରେ ୬ଲକ୍ଷ ଟଙ୍କା ଠକେଇ ହୋଇଛି। ଏହି ଠକେଇର ଶିକାର ହୋଇଛନ୍ତି ଏକାମ୍ର ଭିଲ୍ଲାରେ ରହୁଥିବା ଦିଲୀପ କୁମାର ସାହୁ। ଏନେଇ ସେ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଦିଲୀପଙ୍କ ଗାଁ କଟକ ବୈଦେଶ୍ୱରରେ ହୋଇଥିବାବେଳେ ସେ ଏକାମ୍ରଭିଲାରେ ରହୁଛନ୍ତି। ନୟାପଲ୍ଲୀରେ ରହୁଥିବା ଜଣେ ବ୍ୟକ୍ତି ତାଙ୍କୁ କ୍ଷୀର ବ୍ୟବସାୟ କରିବା ପାଇଁ ୨୦୧୭ରେ ୬ ଲକ୍ଷ ଟଙ୍କା ଧାର ସୂତ୍ରରେ ନେଇଥିଲେ। ଟଙ୍କା ନେବା ପରେ ଉକ୍ତ ବ୍ୟକ୍ତିଜଣକ ଦୋକାନ କରି ନ ଥିଲେ। ପରବର୍ତ୍ତୀ ସମୟରେ ଦିଲୀପ ଟଙ୍କା ମାଗିବାରୁ ସେ ଆଉ ଧରାଛୁଆଁ ଦେଇ ନ ଥିଲେ। ଏପରିକିସେ ପରିବାରର ସମସ୍ତଙ୍କୁ ହତ୍ୟା କରିବାକୁ ଧମକ ଦେଉଥିବା ଦିଲୀପ ଥାନାରେ ଅଭିଯୋଗ କରିଛନ୍ତି।

# ସମ୍ପୂର୍ଣ୍ଣ କ୍ରାନ୍ତିର ସ୍ୱପ୍ନ ଦେଖୁଥିଲେ ଜୟପ୍ରକାଶ

**କଟକ ଅଫିସ,୧୧।୧୦**

ଗାନ୍ଧୀ-ଲୋହିଆ-ଜୟପ୍ରକାଶ ମଞ୍ଚ ପକ୍ଷରୁ ରବିବାର ସିଡିଏ-୬ରେ କ୍ରାନ୍ତିକାରୀ ନେତା ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ୧୧୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଦେଶ ପାଇଁ ଜୟପ୍ରକାଶ ସମ୍ପୂର୍ଣ୍ଣ କ୍ରାନ୍ତିର ସ୍ୱପ୍ନ ଦେଖୁଥିଲେ। ମହାତ୍ମା ଗାନ୍ଧୀଙ୍କ ପରେ ଜୟପ୍ରକାଶ ହିଁ ସେଭଳି ସମ୍ମାନ ପାଇବାକୁ ଯୋଗ୍ୟ ବ୍ୟକ୍ତି ବୋଲି ରାଜ୍ୟସଭା ଏମ୍‌ପି ସୁବାସ ସିଂ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ଆଇନଜୀବୀ ଶିଶିର ଦାସ ଅଧ୍ୟକ୍ଷତା କରିଥିବାବେଳେ ସାଧାରଣ ସମ୍ପାଦକ ଡା. ରବି ରଞ୍ଜନ ସାହୁ ସଂଯୋଜନା କରିଥିଲେ। ଲୋକନାୟକ ଜୟପ୍ରକାଶଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିସ୍ଥାପନ ନିମନ୍ତେ ରାଜ୍ୟ ସରକାରଙ୍କ ନିକଟରେ ଦାବି କରାଯାଇଛି। ଆଇନଜୀବୀ ପ୍ରତାପ ଶତପଥୀ, ଖବରଦାତା ଅରୁଣ ପଣ୍ଡା, ଡ. ସତ୍ୟ ରାୟ ପ୍ରମୁଖ ବକ୍ତବ୍ୟ ଦେଇ ଜୟପ୍ରକାଶଙ୍କ ସାଧନା ଓ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଆଇନଜୀବୀ ପ୍ରଦୀପ ପଟ୍ଟନାୟକ, ଶଶିଭୂଷଣ ଦାସ, ଗଦାଧର ସାହୁ, ଜ୍ୟୋତି ପ୍ରକାଶ ପାତ୍ର, ସଂଯୁକ୍ତା ସାହୁ, ଧର୍ମେଶ ନାୟକ, ଦେବେନ୍ଦ୍ର ସୂତାର, ପ୍ରସନ୍ନ ସିଂ, ଜଗତ୍‌ଜ୍ୟୋତି ପଟ୍ଟନାୟକ, ଜୟଦୁର୍ଗା ପ୍ରସନ୍ନ ଆଚାର୍ଯ୍ୟ, ଗିରିଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଂଯୁକ୍ତା ବେହେରା ଧନ୍ୟବାଦ ଦେଇଥିଲେ।




କଟକ ବାଖରାବାଦସ୍ଥିତ ଗାନ୍ଧୀଭବନରେ ରବିବାର ମନମୋହନ ଚୌଧୁରୀ ସ୍ମାରକ ଟ୍ରଷ୍ଟ ଏବଂ ଉତ୍କଳ ଗାନ୍ଧୀ ସ୍ମାରକନିଧି ପକ୍ଷରୁ ସର୍ବୋଦୟ ନେତା ଜୟପ୍ରକାଶ ନାରାୟଣ ଓ ମନମୋହନ ଚୌଧୁରୀଙ୍କ ଜନ୍ମବାର୍ଷିକୀ ସଭାରେ ଉପସ୍ଥିତ ଅତିଥିମାନେ।

# କାର୍ଯ୍ୟକ୍ଷମ ହେଉନି ପାନୀୟ ଜଳ ପ୍ରକଳ୍ପ

**ନରାଜ,୧୧।୧୦ (ଡି.ଏନ୍.ଏ.)**

କଟକ ଜିଲା ବାରଙ୍ଗ ବ୍ଲକ ବେଲଗଛିଆ ପଞ୍ଚାୟତ ଅନ୍ତର୍ଗତ ଜୟପୁର ଗ୍ରାମରେ ବହୁ ବର୍ଷ ଧରି ଏକ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ୨୦୦୫ରେ ୧୫ ଲକ୍ଷ ଟଙ୍କା ବ୍ୟୟରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା। ଏହା ଜରିଆରେ ଜୟପୁର ଓ ଗୋଠପୁର ଗ୍ରାମର ୩ ହଜାର ଗ୍ରାମବାସୀଙ୍କୁ ପାଇପ୍ ଜରିଆରେ ପାନୀୟ ଜଳ ଯୋଗାଇଦେବା ପାଇଁ ବ୍ୟବସ୍ଥା ହୋଇଥିଲା। ମାତ୍ର ନିର୍ମାଣ ହେବାର ୧୫ ବର୍ଷ ବିତିଯାଇଥିଲେ ମଧ୍ୟ ଉଭୟ ଗ୍ରାମବାସୀଙ୍କୁ ଏପର୍ଯ୍ୟନ୍ତ ବିଶୁଦ୍ଧ ପାନୀୟ ଜଳ ମିଳିପାରିନାହିଁ। ପ୍ରକଳ୍ପ ପାଇଁ ଆବଶ୍ୟକ ହେଉଥିବା ବୋରିଂ, ପମ୍ପ ଘର, ବିଦ୍ୟୁତ ଓ ପାଇପଲାଇନ କାମ ସରିଥିଲେ ମଧ୍ୟ ଉଭୟ ଗ୍ରାମବାସୀଙ୍କ କାର୍ଯ୍ୟରେ ଲାଗୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏତେବର୍ଷ ଧରି ପ୍ରକଳ୍ପଟି କାର୍ଯ୍ୟକ୍ଷମ ହୋଇ ନଥିବାରୁ ବହୁ ଯନ୍ତ୍ରପାତି ଚୋରି ହୋଇଯାଇଥିବା ବେଳେ ବୋରିଂ ପାଇପ୍ କୌଣସି କାରଣରୁ ପୋଡ଼ି ନଷ୍ଟ ହୋଇଯାଇଛି। ରକ୍ଷଣାବେକ୍ଷଣ ଅଭାବରୁ ପ୍ରକଳ୍ପ ପାଇଁ ତିଆରି ହୋଇଥିବା ଗୃହ ଚାରିପାଖେ ଅନାବନା ଗଛ ଉଠି ଭୂତକୋଠିରେ ପରିଣତ ହୋଇଯାଇଛି। ଅପରପକ୍ଷେ ପ୍ରକଳ୍ପ ପାଇଁ ନିୟୋଜିତ ଥିବା କର୍ମଚାରୀଙ୍କୁ ବର୍ଷ ବର୍ଷ ଧରି ଦରମା ଦିଆଯାଉଥିବା ଅଭିଯୋଗ ହୋଇଛି। ଏନେଇ ବିଭାଗୀୟ ଅଧିକାରୀ ଓ ସରପଞ୍ଚଙ୍କ ନିକଟରେ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି।

ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସୁଶାନ୍ତ କୁମାର ସେଠୀ କହିଛନ୍ତି, ଅଭିଯୋଗ ପାଇବା ପରେ ସେଠାକୁ ଯାଇ ତଦନ୍ତ କରିଛନ୍ତି। ମାତ୍ର ବହୁଦିନ ଧରି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇ ନ ଥିବାରୁ ଯନ୍ତ୍ରପାତିଗୁଡିକ ନଷ୍ଟ ହୋଇଯାଇଛି। ଏହାକୁ ମରାମତି କରାଗଲେ ଏକ ନୂଆ ପ୍ରକଳ୍ପର ଖର୍ଚ୍ଚ ସହ ସମାନ ହୋଇଯିବ। ଏ ସମ୍ପର୍କରେ ନିର୍ବାହୀଯନ୍ତ୍ରୀଙ୍କୁ ଅବଗତ କରାଯାଇଛି। ନୂତନ ଯୋଜନା ଆସିଲେ ଏନେଇ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ସେଠୀ କହିଛନ୍ତି।



ପାନୀୟ ଜଳ ପ୍ରକଳ୍ପ ଗୃହ ଚାରିପାଖେ ଅନାବନା ଗଛ ଉଠିଛି।

■ପ୍ରକଳ୍ପ ନିର୍ମାଣ ହେବାର ୧୫ ବର୍ଷ ବିତିଯାଇଛି

■୧୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିଲା

■ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହୋଇପଡ଼ିଛି।

